# କେନ୍ଦୁଝର : ଓଡିଶା ଦିବସ ପାଳିତ :

## ପ୍ରତି ଓଡିଆ ମାତୃଭୂମି ଓ ମାତୃଭାଷାକୁ ଭଲ ପାଆନ୍ତୁ

କେନ୍ଦୁଝର, ତା ୦୧.୦୪.     ୮୭ତମ ଓଡିଶା ଦିବସ ସମାରୋହ ତା ୦୧.୦୪.୨୦୨୨ରିଖ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥିମାନେ ପ୍ରତି ଓଡିଆ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ ଉଦବୋଧନ ଦେଇ ଓଡିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ପ୍ରତ୍ୟେକ ଓଡିଆ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ବଳିଦାନ ରଖିଥିବା ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଭାଷଣପ୍ରସଙ୍ଗରେ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମାଆକୁ, ମାଟିକୁ ଓ ଜାତିକୁ ଭଲ ପାଇଲେ ଓଡିଶାର ଓ ଓଡିଆମାନଙ୍କର ମର୍ଯ୍ୟାଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ । ଓଡିଶାର ପ୍ରାଚୀନ କଳା ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ମନେ ପକାଇ ଭବିଷ୍ୟତରେ କିପରି ଏହାକୁ ଅଧିକ ଋଦ୍ଧିମନ୍ତ କରିବା ସେଥି ପାଇଁ ଚିନ୍ତା କରିବା ଦରକାର । ଦିନଥିଲା ଓଡିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପି ଥିଲା । ସାଧବ ପୁଅର ବିଦେଶରେ ବାଣିଜ୍ୟ ବେପାର, ଓଡିଆ ଶିଳ୍ପୀର ଜୀବନ୍ତ କାରୁକାର୍ଯ୍ୟ, ସୌଖିନ ବସ୍ତ୍ର, ତାରକଶି କାମ, ମଠ ମନ୍ଦିର, କଳା ସାହିତ୍ୟ ସଂସ୍କୃତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ସମୟ କ୍ରମେ ଓଡିଶା ଖଣ୍ଡ ବିଖଣ୍ଡିତ ହୋଇଥିଲା । ପଡୋଶୀ ରାଜ୍ୟ ମାନଙ୍କରେ ଏହାର କେତେକ ଅଂଚଳ ମିଶି ନିଜର ଅସ୍ତିତ୍ୱ ହାରାଇଥିଲା । ଓଡିଆ ମାନେ ହରାଇଥିଲେ ନିଜର ପରିଚୟ । ଏପରି ଦୁର୍ଦ୍ଦିନରେ ଉତ୍କଳ ମାତାର  ଯୋଗ୍ୟ ସନ୍ତାନ ମାନେ ଓଡିଆ ଭାଷାର ସୁରକ୍ଷା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଚଳାଇଥିଲେ । ବିଭିନ୍ନ ପର୍ଯ୍ୟାୟର ଆନ୍ଦୋଳନ ପରେ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା । ଓଡିଆ ମାନେ ପାଇଲେ ନିଜ ପରିଚୟ ଓ ସ୍ୱାଭିମାନ । ଓଡିଶା ଗଠନର ୮୬ ବର୍ଷ ବିତିଯାଇଛି । ନିୟମିତ ଭାବେ ବନ୍ୟା, ବାତ୍ୟା, ମରୁଡି ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରୁଛି । ତଥାପି ଓଡିଆ ମାନେ ଦମ୍ଭର ସହିତ ଏସବୁର ମୁକାବିଲା କରିଆସୁଛନ୍ତି । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ ଓ ଦୂରଦୃଷ୍ଟି ବଳରେ ଓଡିଶାରେ ବିକାଶର ନୂଆ ପର୍ବ ଜାରି ରହିଛି । ବିଭିନ୍ନ କ୍ଷେତ୍ରରେ ଓଡିଶା ଉଲ୍ଲେଖନୀୟ ସଫଳତା ହାସଲ କରି ଦେଶ କାହିଁକି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ଓଡିଶାର ପ୍ରଗତିକୁ ଅଧିକ ଗତିଯୁକ୍ତ କରିବା ପାଇଁ  ବିଭିନ୍ନ ସରକାରୀ ଯୋଜନାକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହୁ । ତେବେ ଯାଇ ସାଧାରଣ ମଣିଷ ମୁହଁରେ ହସ ଫୁଟି ପାରିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ  କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଓଡିଶା ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ଦିଗରେ ଓଡିଶା ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଭାଷଣପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ଓଡିଶାରେ ସାଂସ୍କୃତିକ ବିଭିଧତା ରହିଥିଲେ ମଧ୍ୟ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଛି ଯାହାକି ଓଡିଶାର ଭୂଷଣ । ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତିଭୂମି । ସଂସ୍କୃତି ଓ ଭାଷା ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ । ଓଡିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ଏହା ସମଗ୍ର ଭାରତ ବର୍ଷରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି ବୋଲି କହିଥିଲେ । ଓଡିଆ ଭାଷାର ପ୍ରାଚୀନତା ଓ ଗାରିମା ଯୋଗୁ ଏହା ଶାସ୍ତ୍ରୀୟ ମାନ୍ୟତା ପାଇଛି, ଯାହାକି ପ୍ରତ୍ୟେକ ଓଡିଆ ପାଇଁ ଗର୍ବ ଓ ଗୌରବର ବିଷୟ । ଏହାକୁ ଅଧିକ ଋଦ୍ଧିମନ୍ତ କରିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଓଡିଶା ବିଭିନ୍ନ କ୍ଷେତ୍ରରେ ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରି ଉଦାହରଣ ସାଜିବା ଓଡିଶାବାସୀଙ୍କ ପାଇଁ ଗୌରବାବହ ଘଟଣା । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ବିଶ୍ୱମହାମାରୀ କୋଭିଡ ପରିଚାଳନା ଏବଂ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ଯୋଗାଣ ଇତ୍ୟାଦି କ୍ଷେତ୍ରରେ ଓଡିଶା ଯେଉଁ ଭୂମିକା ଗ୍ରହଣ କରିଛି ସେଥିପାଇଁ ସମଗ୍ର ବିଶ୍ୱ ପ୍ରଶଂସା କରିଛି ଏଣୁ ଏ ଦିଗରେ ରାଜ୍ୟବାସୀ ଅନୁପ୍ରାଣିତ ହେଲେ ଓଡିଶାର ଅଶେଷ ମଙ୍ଗଳ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ସମାରୋହରେ ବିଶିଷ୍ଟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଧନରାଜ୍ ଏଚ.ଡି.,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଉପସ୍ଥିତ ଥିଲେ ।

ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର  ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଏହି  ସମାରୋହ ପରିଚାଳନାରେ ସହଯୋଗ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଉଚ୍ଚବିଦ୍ୟାଳୟସ୍ତରରେ ଆୟୋଜିତ ଓଡିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ / କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ, ଶିଳ୍ପୀ କଳାକାରମାନେ ଯୋଗଦେଇଥିଲେ । ସଭା ପରେପରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ସଂଯୋଜକ ମଳୟ ମହାପାତ୍ରଙ୍କ ସଂଯୋଜନାରେ କାସାଣ୍ଡ୍ରା କଲଚରାଲ୍ ସେଂଟର୍ ତରଫରୁ ଦେଶାତ୍ମବୋଧକ ଭିତିକ ସଂସ୍କୃତିକ କାର୍ଯ୍ୟକ୍ରମ "ବନ୍ଦେ ଉତ୍କଳ ଜନନୀ" ପରିବେଷିତ ହୋଇଥିଲା । ପୂର୍ବରୁ ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।  ଓଡିଶା ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ଉତ୍କଳ ବନ୍ଦନା ପ୍ରସାରଣ କରାଯାଇଥିଲା । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍ ଡିପିଓ ପି.ଜେ ଟପୋ ଏବଂ ଭାରପ୍ରାପ୍ତ ନିରୀକ୍ଷକ ଟାଉନ ଥାନା ପ୍ରମୋଦିନୀ ସାହୁ  ଆଇନ ଶୃଙ୍ଖଳା ରକ୍ଷା ତତ୍ତ୍ୱାବଧାନ କରିଥିଲେ ଏବଂ ସମାରୋହର ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ହୋଇଥିଲା ।

ସଂ ଜୀ ବା: ୨/୪/୨୦୨୨

ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର